# NATIONAL NEWS BULLETIN (ODIA)

**16 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଜୟ ଦିବସ ଅବସରରେ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀ

—ପଞ୍ଜାବରେ ପାଳିତ ହେଲା ଭବ୍ୟ କାର୍ଯ୍ୟକ୍ରମ

- ପ୍ରସିଦ୍ଧ ତବଲା ବାଦକ ଜାକୀର ହୁସେନଙ୍କ ପରଲୋକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

- ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ରାଜ୍ୟସଭାରେ ଚାଲିଛି ବିତର୍କ

ଏବଂ

- ଦେଶରେ ୨୧ଟି ନକଲୀ ବିଶ୍ୱବିଦ୍ୟାଳୟ ଥିବା ସୂଚନା ଦେଲେ କେନ୍ଦ୍ର ଶିକ୍ଷାରାଷ୍ଟ୍ରମନ୍ତ୍ରୀ

## ପ୍ରେଜ୍-ପିଏମ୍-ବିଜୟ ଦିବସ

ବିଜୟ ଦିବସ ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ’ ୧୯୭୧ ଯୁଦ୍ଧର ବୀର ଯବାନମାନଙ୍କୁ

ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବୀର ଯବାନମାନଙ୍କ ଚରମ ବଳିଦାନର ଗାଥା ପ୍ରତ୍ୟେକ ଭାରତୀୟଙ୍କୁ ପ୍ରେରଣା ଦେଉଛି ଏବଂ ଏହା ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼' ୧୯୭୧ ଯୁଦ୍ଧର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ନିଃସ୍ୱାର୍ଥପର ବୀରତ୍ୱକୁ ପ୍ରଶଂସା କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ବୀର ଯବାନଙ୍କ ସାହସ ଓ ବଳିଦାନକୁ ସମ୍ମାନ ଜଣାଇ କହିଛନ୍ତି, ସୈନିକମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅତୁଟ ସଂକଳ୍ପ ଦେଶ ପାଇଁ ଗୌରବ ଆଣିଛି । ସୈନିକମାନଙ୍କ ବଳିଦାନ ସମସ୍ତଙ୍କ ପାଇଁ ପ୍ରେରଣା ଯୋଗାଇବ ଏବଂ ଦେଶର ଇତିହାସରେ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ବିଜୟ ଦିବସ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ଅନୀଲ ଚୌହାନ, ସେନାଧ୍ୟକ୍ଷ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶାଲ୍ ଏ.ପି. ସିଂ, ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏବଂ ନୌସେନା ଉପାଧ୍ୟକ୍ଷ ଭାଇସ୍ ଆଡମିରାଲ୍ କ୍ରିଷ୍ଣା ସ୍ୱାମୀନାଥନ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ପଞ୍ଜାବ-ବିଜୟ ଦିବସ

୧୯୭୧ ଭାରତ-ପାକ୍ ଯୁଦ୍ଧରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ପାଇଁ ଦେଶ ଆଜି ୫୩ତମ ବିଜୟ ଦିବସ ପାଳନ କରୁଛି । ପ୍ରତିବର୍ଷ ଡିସେମ୍ବର ୧୬ରେ ପାଳନ କରାଯାଉଥିବା ଏହି ଐତିହାସିକ ଦିବସ ବାଂଲାଦେଶ ଗଠନ ଏବଂ ଭାରତୀୟ ସଶସ୍ତ୍ର ବାହିନୀର ନେତୃତ୍ୱରେ ନିର୍ଣ୍ଣାୟକ ସାମରିକ ବିଜୟର ସ୍ମୃତି ବହନ କରୁଛି ।

ପଞ୍ଜାବର ଅମୃତସରଠାରେ ଏହି ଅବସରରେ ଭାରତୀୟ ସେନାର ପାନ୍ଥର ଡିଭିଜନ ପକ୍ଷରୁ ସାମରିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ସହ ବୀର ନାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ୧୯୭୧ ଯୁଦ୍ଧରେ ସର୍ବୋଚ୍ଚ ବଳିଦାନ ଦେଇ ଶହୀଦ ହୋଇଥିବା ସେନାନୀଙ୍କ ବୀର ନାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅତ୍ୟନ୍ତ ଭାବବିହ୍ୱଳ କରିବା ଭଳି ମୁହୂର୍ତ୍ତ ଥିଲା ।

ଗତ ସନ୍ଧ୍ୟାରେ ଅମୃତସରର ଐତିହାସିକ ଗୋବିନ୍ଦଗଡ଼ ଦୁର୍ଗରେ **ଏକ୍ ସାମ୍ ବିରୋଁ କେ ନାମ୍** ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ସାରାଗଡ଼ିର କିମ୍ବଦନ୍ତୀ ବହନ କରୁଥିବା ଲାଇଟ୍ ଆଣ୍ଡ ସାଉଣ୍ଡ୍ ଶୋ' ପ୍ରଦର୍ଶିତ ହୋଇଥିଲା ।

# ପ୍ରେଜ୍, ଭିପି, ପିଏମ୍-ଜାକିର ଡେଥ୍

ପ୍ରସିଦ୍ଧ ତବଲା ବାଦକ ଜାକୀର ହୁସେନଙ୍କ ପରଲୋକରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଓସ୍ତାଦ ଜାକୀର ହୁସେନ ତାଙ୍କ ଅସାଧାରଣ ସୃଜନଶୀଳତା

ପାଇଁ ଲୋକପ୍ରିୟ ଥିଲେ । ସେ କହିଛନ୍ତି, ଭାରତ ଏବଂ ପାଶ୍ଚାତ୍ୟ ସଂଗୀତ ମଧ୍ୟରେ ସେ ଯେଉଁ ପରମ୍ପରା ସୃଷ୍ଟି କରିଛନ୍ତି, ତାହା ସବୁଦିନ ଲାଗି ସ୍ମରଣୀୟ ହୋଇ ରହିବ । ସେ ତାଙ୍କ ପରିବାର ସଦସ୍ୟ ଏବଂ ପ୍ରଶଂସକମାନଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଭାରତୀୟ ଶାସ୍ତ୍ରୀୟ ସଂଗୀତକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ପ୍ରସିଦ୍ଧ ତବଲା ବାଦକ ଜାକୀର ହୁସେନ ଦେଶର ସାଂସ୍କୃତିକ ଦୃଶ୍ୟପଟରେ ଅବିସ୍ମରଣୀୟ ଛାପ ଛାଡ଼ି ଯାଇଛନ୍ତି । ତାଙ୍କର ଅତୁଳନୀୟ କଳା ସବୁଦିନ ପାଇଁ ଲୋକଙ୍କ ମଧ୍ୟରେ ରହିବ ବୋଲି ସେ କହିଛନ୍ତି ।

ଜାକୀର ହୁସେନଙ୍କୁ ଭାରତୀୟ ଶାସ୍ତ୍ରୀୟ ସଂଗୀତ ଜଗତରେ ବିପ୍ଳବ ଆଣିଥିବା ଜଣେ ପ୍ରକୃତ ପ୍ରତିଭା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଲକ୍ଷଲକ୍ଷ ଲୋକଙ୍କୁ ନିଜ ସଂଗୀତ ଜରିଆରେ ଆକର୍ଷିତ କରି ଆମ ଶାସ୍ତ୍ରୀୟ ପରମ୍ପରାକୁ ସେ ବିଶ୍ୱସ୍ତରରେ ପହଞ୍ଚାଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଡେ ପ୍ରେଜ୍ ଶ୍ରୀଲଙ୍କା ଇଣ୍ଡିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଭାରତ ଗସ୍ତରେ ଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେଙ୍କ ମଧ୍ୟରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ଚାଲିଛି । ଉଭୟ ନେତା ପାରସ୍ପରିକ ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗରେ ଆାଲୋଚନା କରୁଛନ୍ତି । ଆଜି ସକାଳେ ରାଷ୍ଟ୍ରପତି ଭବନରେ ଶ୍ରୀ ଦିଶାନାୟକେଙ୍କୁ ରାଜକୀୟ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସ୍ୱାଗତ

କରିଥିଲେ । ରାଜଘାଟଠାରେ ଶ୍ରୀ ଦିଶାନାୟକେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

୩ ଦିନିଆ ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ଶ୍ରୀ ଦିଶାନାୟକେ' ରାଷ୍ଟ୍ରପତି ଦ୍ରୌପଦୀମୁର୍ମୁ ଏବଂ ଉପରାଷ୍ଟ୍ରପତି୍ ଜଗଦୀପ ଧନଖଡ଼ଙ୍କ ସହ ଆଜି ସନ୍ଧ୍ୟାରେ ସାକ୍ଷାତ କରିବେ । ଏହି ଗସ୍ତ କାଳରେ ସେ ବିହାରର ବୋଧଗୟା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ଉଭୟ ଦେଶ ମଧ୍ୟରେ ଏହି ଗସ୍ତ ବହୁମୁଖୀ ଏବଂ ପାରସ୍ପରିକ ଲାଭଦାୟକ ସହଯୋଗକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ବିଦେଶ ମନ୍ତ୍ରଣାଳୟ କହିଛି । ୨୦୨୩-୨୪ରେ ଶ୍ରୀଲଙ୍କା ଓ ଓ ଭାରତ ମଧ୍ୟରେ ବାଣିଜ୍ୟିକ କାରବାର ୫ ଦଶମିକ ୫ ବିଲିୟନ ଡଲାରରେ ପହଞ୍ଚିଛି ।

## ଆର୍‌ଏସ୍ କନ୍‌ଷ୍ଟିଚ୍ୟୁସନ୍

ସମ୍ବିଧାନର ୭୫ ବର୍ଷର ଗୌରବମୟ ଯାତ୍ରା ଉପରେ ଆଜି ରାଜ୍ୟସଭାରେ ବିତର୍କ ଆରମ୍ଭ ହୋଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଶାସକ ଦଳର ନେତୃତ୍ୱ ନେଇ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ସମ୍ବିଧାନ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରୁଛନ୍ତି । ଆଲୋଚନା ଆରମ୍ଭ କରି ସେ କହିଛନ୍ତି ପ୍ରସିଦ୍ଧ ଗୀତିକାର ମଜରୁହ ସୁଲତାନପୁରୀ ଏବଂ ଅଭିନେତା ବଲରାଜ ସାହାଣୀଙ୍କୁ ୧୯୪୯ରେ ଏହି ନିୟମକୁ ସମାଲୋଚନା କରିଥିବାରୁ ଜେଲ୍ ଯିବାକୁ ପଡ଼ିଥିଲା । କଂଗ୍ରେସକୁ ଲକ୍ଷ୍ୟ କରି ଶ୍ରୀମତୀ ସୀତାରମଣ କଂଗ୍ରେସ ଶାସନ କାଳରେ ଯେଉଁସବୁ ଚଳଚ୍ଚିତ୍ର

ଓ ପୁସ୍ତକ ଗୁଡ଼ିକୁ ପ୍ରତିବନ୍ଧିତ କରାଯାଇଥିଲା, ତାହାର ସୂଚି ଉପସ୍ଥାପନ କରିଥିଲେ । ସେ କହିଥିଲେ ଗୋଟିଏ ପରିବାରକୁ ସାହାଯ୍ୟ କରିବା ଏବଂ କ୍ଷମତାରେ ଥିବା ଲୋକଙ୍କୁ ସୁରକ୍ଷା ଦେବା ପାଇଁ କଂଗ୍ରେସ ସମ୍ବିଧାନରେ ଅନେକ ସଂଶୋଧନ କରିଛି । ଏପରିକି ଜରୁରୀକାଳୀନ ପରିସ୍ଥିତି ସମୟରେ କୌଣସି କାରଣ ନଥାଇ ଲୋକସଭାର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା ଏବଂ ବିରୋଧୀଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା ।

ଏହି ଅବସରରେ ଶ୍ରୀମତୀ ସୀତାରମଣ ସମ୍ବିଧାନ ସଭାର ସଦସ୍ୟମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ୧୫ ଜଣ ମହିଳା ସଦସ୍ୟଙ୍କୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥିଲେ ।

ସେ କହିଥିଲେ, ପବିତ୍ର ସମ୍ବିଧାନରେ ଥିବା ଭାବନାକୁ ବଜାୟ ରଖିବା ପାଇଁ ଭାରତ ଗଠନ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇବାର ସମୟ ଆସିଛି । ସେ କହିଥିଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୫୦ରୁ ଅଧିକ ଦେଶ ସ୍ୱାଧୀନ ହୋଇଥିଲେ ଏବଂ ତାହାପରେ ସେହିସବୁ ଦେଶଗୁଡ଼ିକର ସମ୍ବିଧାନ ଲେଖା ଯାଇଥିଲା । ଅନେକ ଦେଶ ନିଜ ସମ୍ବିଧାନକୁ ବଦଳାଇଛନ୍ତି ଏବଂ ସମ୍ବିଧାନର ସମଗ୍ର ବୈଶିଷ୍ଟ୍ୟକୁ ପରିବର୍ତ୍ତନ କରିଛନ୍ତି । ତେବେ ଭାରତର ସମ୍ବିଧାନ ସୁଦୃଢ଼ ରହିଛି ଏବଂ ସମୟ ସହିତ ତାଳଦେଇ ଅଗ୍ରସର ହେଉଛି ।

ଶ୍ରୀମତୀ ସୀତାରମଣ ଏହି ବିତର୍କ କାଳରେ ମହିଳା ସଂରକ୍ଷଣ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ସେ କହିଥିଲେ, ତତ୍କାଳୀନ ରାଜୀବ ଗାନ୍ଧୀ ସରକାର ବହୁମତ ଥିବା ସତ୍ତ୍ୱେ ମହିଳା ସଂରକ୍ଷଣ ବିଲ୍ ଉପସ୍ଥାପନ କରିନଥିଲେ । କିନ୍ତୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ

ମହିଳାମାନଙ୍କୁ ସଂରକ୍ଷଣ ଦେବା ଉଦ୍ଦେଶ୍ୟରେ ଆଇନ ପାରିତ କରିଥିଲେ । ବିଜେପି ସରକାର ସମ୍ବିଧାନର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି । ବିଭିନ୍ନ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ସେ କହିଥିଲେ । ଅନ୍ୟପକ୍ଷରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡ଼୍‌ଗେ ଅଭିଯୋଗ କରି କହିଛନ୍ତି, ସରକାର ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଛନ୍ତି ।

ରାଜ୍ୟସଭାରେ ଏ ସଂପର୍କରେ ଆଲୋଚନା ଜାରି ରହିଛି ।

## ଫେକ୍ ୟୁନିଭରସିଟି

ଭାରତରେ ୨୧ଟି ନକଲୀ ବିଶ୍ୱବିଦ୍ୟାଳୟ ରହିଛି । ଲୋକସଭାରେ ଆଜି ଏ ସଂପର୍କିତ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷାରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ୧୨ଟି ନକଲୀ ବିଶ୍ୱବିଦ୍ୟାଳୟକୁ ବନ୍ଦ କରାଯାଇଛି । ସେ କହିଛନ୍ତି ପ୍ରତ୍ୟେକ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ନକଲୀ ବିଶ୍ୱବିଦ୍ୟାଳୟ ଏବଂ ପଞ୍ଜୀକୃତ ବିଶ୍ୱବିଦ୍ୟାଳୟ ତାଲିକା ପ୍ରକାଶ କରିଥାଏ । ଏହାଛଡ଼ା କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ନକଲୀ ବିଶ୍ୱବିଦ୍ୟାଳୟ ଗୁଡ଼ିକ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ଶ୍ରୀ ମଜୁମଦାର କହିଛନ୍ତି ଉଭୟ ସରକାର ଏବଂ ୟୁଜିସି ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ନକଲୀ ବିଶ୍ୱବିଦ୍ୟାଳୟ ବିରୋଧରେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । କେତେକ କ୍ଷେତ୍ରରେ ସେଭଳି ନକଲୀ ପ୍ରତିଷ୍ଠାନ

ଓ ବିଶ୍ୱବିଦ୍ୟାଳୟ ବିରୁଦ୍ଧରେ ଏତଲା ଦାୟର କରାଯାଇଥିବା ମନ୍ତ୍ରୀ କହିଛନ୍ତି ।

## ସାଉଥ କୋରିଆ ପ୍ରେଜ୍ ଇନ୍‌ଭେଷ୍ଟିଗେସନ

ଦକ୍ଷିଣ କୋରିଆର ସାମ୍ବିଧାନିକ ଅଦାଲତ ଡିସେମ୍ବର ୩ ତାରିଖରେ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲ୍‌ଙ୍କ ବିରୁଦ୍ଧରେ ହୋଇଥିବା ମହାଭିଯୋଗ ମାମଲାର ସମୀକ୍ଷା ଆରମ୍ଭ କରିଛନ୍ତି । ଫଳରେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଯିବ କି ନାହିଁ, ସେ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଚଳିତ ସପ୍ତାହରେ ଏକ ତଦନ୍ତକାରୀ ଗୋଷ୍ଠୀ ରାଷ୍ଟ୍ରପତିଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚରା  ଉଚରା କରିବେ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ରାଷ୍ଟ୍ରପତିଙ୍କୁ ପଦରୁ ହଟାଯିବ କିମ୍ବା ପୁନଃ ଅବସ୍ଥାପିତ କରାଯିବ, ସେ ନେଇ ସାମ୍ବିଧାନିକ ଅଦାଲତଙ୍କ ପାଖରେ ୬ ମାସ ସମୟ ରହିଛି । ମାର୍ଶାଲ ଲ’ ସମ୍ପର୍କିତ ଘଟଣା ନେଇ ରାଷ୍ଟ୍ରପତିଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଥିଲା । ଇତିମଧ୍ୟରେ କାର୍ଯ୍ୟକାରୀ ରାଷ୍ଟ୍ରପତି ହାନ୍ ଦୁକ୍ ସୋ’ଙ୍କ ନେତୃତ୍ୱାଧୀନ ସରକାର ଆନ୍ତର୍ଜାତିକ ସ୍ତରରେ ଦେଶର ପ୍ରତିଛବିକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି ଉଦ୍ୟମ କରୁଛନ୍ତି ।